# ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ, ରୋଗୀ ହନ୍ତସନ୍ତ

କନ୍ଧମାଳ,୧୬ ।୩(ସମିସ)





ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ କନ୍ଧମାଳ ବ୍ଲକ, ତହସିଲ, ହସ୍ପିଟାଲ ଏବଂ ବନ ବିଭାଗ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଆଉଟସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିଥିବାରୁ ବିଭିନ୍ନ ସରକାରୀ ସେବା ପାଇଁ ଆସୁଥିବା ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି । ଏହାଫଳରେ ଅଫିସ ଗୁଡ଼ିକ ଖାଁ ଖାଁ ଲାଗୁଛି । ହାସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତିଙ୍କ ନିର୍ଦ୍ଦେଶରେ ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀ ସୋମବାର ସକାଳ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଥିଲେ । ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମଜିରେ ବନ ଆନ୍ଦୋଳନ ଚାଲିଛି । ଯେଉଁ କର୍ମଚାରୀମାନେ ସେଠାକୁ ଆନ୍ଦୋଳନରେ ଯୋଗ ଦେବା ଲାଗି ଯାଇପାରି ନାହାନ୍ତି ସେମାନେ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ତେବେ ଏହାଦ୍ୱାରା ରୋଗୀ ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା । ଚାକିରୀର ନିରାପତ୍ତା ଓ ନିୟମିତ, ସମାନ କାମକୁ ସମାନ ଦରମା, ଦରମା ବୃଦ୍ଧି କରିବା ସହ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଆଉଟ ସୋର୍ସିଂ ବ୍ୟବସ୍ଥାରେ ଡେଲି ୱେଜସ୍ ବନ୍ଦ କରିବା ଭଳି ଏମାନେ ଦାବି ରଖିଛନ୍ତି । ସରକାର ଏହି ମୌଳିକ ଦାବି ଗୁଡ଼ିକ ଉପରେ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସଂଘର ଉପ-ସଭାପତି ନରେଶ ସାହୁ, ସହକର୍ମୀ ସୌମ୍ୟ ପାଣିଗ୍ରାହୀ, ଲାଲମନ ବେହେରା, ସ୍ମୃତିରଞ୍ଜନ ମହାକୁଡ଼, ତୃପ୍ତିମୟୀ ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି ।

ଡୁଙ୍ଗୁରିପାଲି: ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ଚାରି ଦଫା ଦାବି ନେଇ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇଥିଲେ । ସକାଳ ୯ ଟା ରୁ ୧୧ଟା୩୦ ପର୍ଯ୍ୟନ୍ତ ଅଢ଼େଇ ଘଣ୍ଟା ଧରି କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ବସିଥିଲେ । ଛଟେଇ ବନ୍ଦ କରିବା, ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ଦରମା ବୃଦ୍ଧି ଭଳି ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ କର୍ମଚାରୀ । ଯଥାଶୀଘ୍ର ଦାବି ଗୁଡିକ ସରକାର ପୂରଣ ନ କଲେ ଆଗକୁ ଆନ୍ଦୋଳନ ଆହୁରି ଜୋରଦାର୍ ହେବ ବୋଲି ସଂଘ ଚେତାବନୀ ଦେଇଛି ।

## ବାଉଁଶୁଣୀରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ଯୋଗଦାନ

● ପୂରଣ ହେଲୋ ଦୀର୍ଘଦିନ ଦାବି




ଶଗଡା: ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଡାକ୍ତରଖାନାରେ ପ୍ରଥମ ଥର ପାଇଁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଭାବେ ଡାକ୍ତର ପଲ୍ଲମି ପ୍ରଧାନ ଯୋଗ ଦେଇଛନ୍ତି । ଏହି ଡାକ୍ତରଖାନାରେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନ ଥିବାରୁ ଅଞ୍ଚଳର ରୋଗୀମାନେ ବୌଦ୍ଧ ଅଥବା ସୋନପୁର ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେଉଥିଲେ । ଡାକ୍ତର ନିଯୁକ୍ତି ନେଇ ଅନେକ ସମୟରେ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ୍ୟ ପ୍ରସାଶନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିଲା । ଡାକ୍ତର ପଲ୍ଲମୀ ପ୍ରଧାନ ଆଜି କାର୍ଯ୍ୟରେ ଯୋଗ ଦେବା ପରେ ବାଉଁଶୁଣୀ ଅଞ୍ଚଳବାସୀ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ତେବେ ଦୀର୍ଘ ବର୍ଷର ଦାବିକୁ ପୂରଣ କରିଥିବାରୁ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନକୁ ଶେଷରେ ଧନ୍ୟବାଦ ଜଣାଇଛନ୍ତି ।

## ଆବର୍ଜନାରେ ଭର୍ତ୍ତି ଡ୍ରେନ୍



ଶଗଡା,୧୬ ।୩(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରୀବେଙ୍ଗେସ ଗ୍ରାମରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ନିକଟ ଡ୍ରେନ୍‌ରେ ଆବର୍ଜନା ଭର୍ତ୍ତି ହୋଇ ରହିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି । ଏହାଫଳରେ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଫେଲ୍ ମାରିଛି । ଏହି ପ୍ରକଳ୍ପ ଉପରେ ଗ୍ରାମରେ ୪୦ ପରିବାର ପିଇବା ପାଣି ଉପରେ ନିର୍ଭର କରନ୍ତି । ପରିତାପର ବିଷୟ ଯେ ଡ୍ରେନ୍ ସଫା କରୁ ନ ଥିବାରୁ ଦୁର୍ଗନ୍ଧ ହେଉଛି । ଲୋକମାନେ ଏଠାରୁ ପାଣି ନେବା ପାଇଁ ଉପଯୁକ୍ତ ମଣୁ ନାହାନ୍ତି ।

ପ୍ରତି ବର୍ଷ ଗ୍ରାମର ସଫେଇ ପାଇଁ ଆର୍ଥିକ ସହାୟତା ଆସୁଛି; ହେଲେ ଗାଁ କଲ୍ୟାଣୀ ସମିତି ଟଙ୍କା ଉଠାଇ ଆତ୍ମସାତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## କିରାସିରାରେ ଶ୍ରୀରାମ ଚରିତ ମାନସ ପାରାୟଣ



ବୌଦ୍ଧ,୧୬ ।୩(ସମିସ): ବୌଦ୍ଧ ବ୍ଲକ୍ କିରାସିରା ଗ୍ରାମରେ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଷଷ୍ଠ ଦିବସରେ ପହଞ୍ଚିଛି । କିରାସିରା ଓ ଖମାରୀପଡା ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ଭାବେ ସୋନପୁର ଜିଲ୍ଲା ଡୁମରିର ପୁରାଣ ଗାୟକ ସଚ୍ଚିଦାନନ୍ଦ ପଣ୍ଡା ଯୋଗଦେଇ ପୁରାଣ ପଠନ କରୁଛନ୍ତି । ବିଶ୍ୱାମିତ୍ର ପ୍ରଧାନ ଓ ତାଙ୍କ ପତ୍ନୀ ପ୍ରେମଶିଳା ପ୍ରଧାନ କର୍ତ୍ତା ଅଛନ୍ତି । ବିଭୀଷଣ ଚାନ୍ଦ ପୂଜା କରୁଛନ୍ତି ।

## ବସ୍‌ରୁ ଗଞ୍ଜେଇ ଜବତ; ଜଣେ ଗିରଫ



ବିନିକା,୧୬ ।୩(ସମିସ): ସୋମବାର ସକାଳେ ସୋନପୁରରୁ ବିନିକା ଦେଇ ବୁର୍ଲାକୁ ଯାଉଥିବା ମାହେଶ୍ୱରୀ ବସ୍‌ର ଜଣେ ଯାତ୍ରୀଙ୍କ ଠାରୁ ପୁଲିସ ୪ କେଜି ଗଞ୍ଜେଇ ଜବତ କରିଛି । ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ମଧ୍ୟପ୍ରଦେଶ ରାଜ୍ୟ ସିଓନି ଜିଲ୍ଲା ଡୋମା ଗ୍ରାମର ସୁନୀଲ କୁମାର ସୋନି(୫୭) । ବସଟି ରାଜ୍ୟ ରାଜପଥ ଦେଇ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଓ ଷ୍ଟାଫ ବିନିକା ନିକଟବର୍ତ୍ତୀ ଜାମଛାପରଠାରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ । ଏହି ସମୟରେ ବସ୍‌ରେ ଥିବା ଅଭିଯୁକ୍ତଙ୍କ ନିକଟରୁ ଗଞ୍ଜେଇ ଜବତ ହୋଇଥିଲା । ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯିବା ପରେ ସର୍ବମୋଟ ୪ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା । ଅଭିଯୁକ୍ତ ନିକଟରୁ ଗଞ୍ଜେଇ ସହ ଏକ ମୋବାଇଲ, ନଗଦ ୨୭୧୦ ଟଙ୍କା ଜବତ କରାଯାଇଥିଲା । ଏନେଇ ଥାନାରେ କେସ ନଂ ୬୬/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁନୀଲକୁ କୋର୍ଟ ଚଲାଣ କରାଯାଇଥିବା ପୁଲିସ କହିଛି ।

## କମିରା ମଠରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ



ବୌଦ୍ଧ,୧୬ ।୩(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ କମିରା ମଠରେ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ କାର୍ଯ୍ୟକ୍ରମ ଚତୁର୍ଥ ଦିନରେ ପହଞ୍ଚିଛି । ବ୍ୟାସ ଭାବେ ପରେଶ ନନ୍ଦ ଭାଗବତ ପଠନ କରୁଥିବା ବେଳେ କର୍ତ୍ତା ଭାବେ ଜିତେନ୍ଦ୍ର ବାଘ ଓ ତାଙ୍କ ପତ୍ନୀ ଜୟନ୍ତୀ ବାଘ ଦାୟିତ୍ୱ ନିର୍ବାହ କରୁଛନ୍ତି । ବାବା ଅମ୍ବିକା ଦାଶ, ବାବା ଭୋଳା ଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ଶ୍ୟାମାକାଳୀ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ



ତରଭା,୧୬।୩(ସମିସ): ତରଭା ନିକଟସ୍ଥ ପୁଇଁତଲା ବ୍ଲକ୍ ଅନ୍ତର୍ଗତ ଉଦ୍ରାପାଲି ଗ୍ରାମର ଭୁବନେଶ୍ୱର ଶିବ ମନ୍ଦିର ପରିସରରେ ନବ ନିର୍ମିତ ଶ୍ୟାମାକାଳୀ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଚନ୍ଦଲୀ ନିକଟସ୍ଥ ରାଧାକୃଷ୍ଣ ମଠର ମହନ୍ତ ଯଶୋଦା ନନ୍ଦନ ବୃନ୍ଦାବନ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସୋମବାର ଶୁଭ ଲଗ୍ନ ଅନୁଯାୟୀ ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ପୂଜକ ଉପେନ୍ଦ୍ର ଦେବତାଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଅଶୋକ ଖେତୀ ଓ ନିରୁପମା ପାତ୍ର ଦାୟିତ୍ୱ ତୁଲାଇଥିଲେ । ଶୁଭସ୍ତମ୍ଭ ସ୍ଥାପନ ସମୟରେ କମିଟିର ସମସ୍ତ ସଦସ୍ୟ ଓ ଉଦ୍ରାପାଲି ଗ୍ରାମବାସୀ ସାମିଲ ହୋଇଥିଲେ ।

## ଜଡ଼ାପାଲରେ କୃଷ୍ଣଗୁରୁ ଅଷ୍ଟପ୍ରହର ନାମ ଭଜନ

ବୌଦ୍ଧ,୧୬ ।୩(ସମିସ): ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ଜଡ଼ାପାଲ ଗ୍ରାମରେ କୃଷ୍ଣଗୁରୁ ଅଷ୍ଟପ୍ରହର ନାମ ଭଜନ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା କୃଷ୍ଣଗୁରୁ ମଣ୍ଡଳୀ ଯୋଗ ଦେଇଥିଲେ ।

ସ୍ଥାନୀୟ କୃଷ୍ଣ ଗୁରୁ ମଣ୍ଡଳୀ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ତ୍ତା ଭବେ ତୀର୍ଥ ପ୍ରଧାନ ଓ ତାଙ୍କ ପତ୍ନୀ ଭଗବତୀ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ । ସୁରେଶ ହୋତା ପୂଜା କାର୍ଯ୍ୟ କରୁଛନ୍ତି । ଗୁରୁ ବସୁଦେବ ମହାକୁଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କୃଷ୍ଣଗୁରୁ ଅଷ୍ଟ ପ୍ରହର ଭଜନରେ ସାନ ନାଏକ ଓ ଯମୁନା ନାଏକଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି ।

● ଜିଲ୍ଲାସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'

## ପରୀକ୍ଷା ଦେଲେ ୬୫୧୬ ଜଣ ନବସାକ୍ଷର



ବୌଦ୍ଧ,୧୬ ।୩(ସମିସ): କେନ୍ଦ୍ର ସରକାରଙ୍କ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅଧୀନ ଶିକ୍ଷାବର୍ଷ ୨୦୨୫-୨୬ର ଦ୍ୱିତୀୟ ପର୍ଯ୍ୟାୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷା ପାଇଁ ଜିଲ୍ଲାର ୧୫ରୁ ଅଧିକ ବୟସର ୬୭୬୫ ଜଣ ନବ ସାକ୍ଷରଙ୍କୁ ଉଲ୍ଲାସ ପୋର୍ଟାଲରେ ନାମ ପଞ୍ଜିକରଣ କରାଯାଇଥିଲା । ଜିଲ୍ଲାର ପ୍ରାୟ ୬୦୦ରୁ ଅଧିକ ପରୀକ୍ଷା କେନ୍ଦ୍ରରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଘଣ୍ଟା ପର୍ଯ୍ୟନ୍ତ ୨୮୧୮ ଜଣ ପୁରୁଷ ଓ ୩୬୯୮ ଜଣ ମହିଳା ସମେତ ସମୁଦାୟ ୬୫୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ହରଭଙ୍ଗା ବ୍ଲକର ୧୫୫୩, କନ୍ଧମାଳ ବ୍ଲକର ୨୦୮୪ ଓ ବୌଦ୍ଧ ବ୍ଲକର ସର୍ବାଧିକ ୨୮୭୯ ଜଣ ନବ ସାକ୍ଷର ଅଂଶଗ୍ରହଣ କରିଥିଲେ । ପରୀକ୍ଷାର ସୁପରିଚାଳନା ନିମନ୍ତେ ଜିଲ୍ଲାସ୍ତରରେ ୨ ଓ ବ୍ଲକସ୍ତରରେ ଗୋଟିଏ ଲେଖାଏଁ ସ୍କ୍ୱାଡ୍ ଗଠନ କରାଯାଇଥିଲା । ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ନୋଡାଲ ଅଧିକାରୀ ଜୟନ୍ତ ପ୍ରଧାନ, ବୌଦ୍ଧ ବିଇଓ ଉପେନ୍ଦ୍ର ପ୍ରଧାନ, ବୌଦ୍ଧ ବ୍ଲକ ନୋଡାଲ ଅଧିକାରୀ ପ୍ରବୀର ରଥ, ହରଭଙ୍ଗା ବିଇଓ ହାଡିବନ୍ଧୁ ବେହେରା, ହରଭଙ୍ଗା ବ୍ଲକ ନୋଡାଲ ଅଧିକାରୀ କାର୍ତ୍ତିକେଶ୍ୱର ନାୟକ, କନ୍ଧମାଳ ବିଇଓ ଅଶୋଭ ରଞ୍ଜନ ମାଲି, କନ୍ଧମାଳ ବ୍ଲକ ନୋଡାଲ ଅଧିକାରୀ ନୀଳମଣି ପଣ୍ଡା ପ୍ରମୁଖ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ । ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନେ ପରୀକ୍ଷା ପରିଚାଳନା କରିଥିଲେ । ସିଆରସିସିମାନେ ସଂଯୋଜନା କରିଥିଲେ ।

## ଇଚ୍ଛାପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି



ଡୁଙ୍ଗୁରିପାଲି,୧୬।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ସଞ୍ଜୀବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିକୁ ପଞ୍ଚାୟତ ଅଧିନସ୍ଥ ବିଭିନ୍ନ ଗ୍ରାମରୁ ୧୦ଟି ଅଭିଯୋଗ ଆସିଥିବା ବେଳେ ସମସ୍ତ ଅଭିଯୋଗ ବ୍ୟକ୍ତିଗତ ରହିଥିଲା । ଏବିଡ଼ିଓ ମହେଶ୍ୱର ପଧାନ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ସମିତିସଭ୍ୟ ମଦନ ମୋହନ ସିଂ ବରିହା, ପିଇଓ ଗୌର ଚନ୍ଦ୍ର ସାହୁ, ସିଡିପିଓ ମୌସୁମି ମଇତି, ଆରଡବ୍ଲ୍ୟୁଏସଏସ ଅଧିକାରୀ ହିମାଦ୍ରୀ ପଧାନ, ଏଇ ସ୍ୱାଧୀନ କୁମାର ଦାସଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

## ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ




ବୀରମହାରାଜପୁର,୧୬।୩(ସମିସ): ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟର ପରିବେଶ କ୍ଲବ ତରଫରୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧେଶ୍ୟାମ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟରେ ଇକୋ କ୍ଲବର ଉପଯୋଗୀତା ସମ୍ପର୍କରେ ଆଲୋଚନା କରିଥିଲେ । ପରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ପରିବେଶ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମଧୁମିତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରମାନେ ସହଯୋଗ କରିଥିଲେ ।

## ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର




ବୌଦ୍ଧ,୧୬ ।୩(ସମିସ): ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସୁଷମା ରାଣୀ ବହିଦାର ଏବଂ ଅଧ୍ୟାପକ ପୀତବାସ ମେହେରଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ସୁଷମା ରାଣୀ ବହିଦାର, ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରେଣୀଆଁ, +୨ କଲେଜର ପୂର୍ବତନ ଅଧ୍ୟକ୍ଷା ଧରିତ୍ରୀରାଣୀ କୁନୁନଗୋ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ୧୯ ଜଣ ଛାତ୍ରଛାତ୍ରୀ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଅଧ୍ୟାପକ ପୀତବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରୋଇ ସ୍କୁଲକୁ ଡିଇଓଙ୍କ ଅହେତୁକ ଅନୁକମ୍ପା

ବୌଦ୍ଧ,୧୬ ।୩(ସମିସ)

ବୌଦ୍ଧ ବ୍ଲକ୍‌ରେ ଅନେକ ବେସରକାରୀ ବିଦ୍ୟାଳୟ ବିନା ଭିତ୍ତିଭୂମିରେ ଚାଲିଛି । ଏନେଇ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ବିଦ୍ୟାଳୟଙ୍କୁ ବର୍ଷେ ତଳେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ରାଜ୍ୟ ସରକାରଙ୍କ ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ-୨୦୧୦ ଅନୁସାରେ ରାଜ୍ୟରେ କୌଣସି ବେସରକାରୀ ବିଦ୍ୟାଳୟ ଖୋଲିବା ପୂର୍ବରୁ ଉକ୍ତ ବିଦ୍ୟାଳୟର ଭିତ୍ତି ଭୂମି ଥିବା ଆବଶ୍ୟକ । ଏହା ପରେ ଏବିଇଓ ପରିଦର୍ଶନ କରି ଉକ୍ତ ସ୍କୁଲ ଖୋଲିବା ପାଇଁ ସୁପାରିଶ କରିଥାନ୍ତି । ଏହା ପରେ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ଅନିବାର୍ଯ୍ୟ । ତେବେ ବୌଦ୍ଧ ବ୍ଲକ ମୁଣ୍ଡାପଡାସ୍ଥିତ ଷ୍ଟେଟ ବ୍ରିଗେଡ ସ୍କୁଲ, ଲକ୍ଷ୍ମୀପ୍ରସାଦ ପଞ୍ଚାୟତସ୍ଥିତ ଷ୍ଟେଟ ବ୍ରିଗେଡ ସ୍କୁଲର ୨୦୨୪-୨୫ରୁ ୨୦୨୮-୨୯ ପର୍ଯ୍ୟନ୍ତ ୫ଟି ଶିକ୍ଷା ବର୍ଷ ପାଇଁ ସ୍କୁଲ ଖୋଲିବା ଅନୁମତି ପତ୍ର କିମ୍ବା ସାର୍ଟିଫିକେଟ ଅଫ ରିକଗନିଶନ ନାହିଁ । ଏହିଭଳି ମନଇଚ୍ଛା ବିନା

■ ଗତବର୍ଷ ମାର୍ଚ୍ଚ ୨୯ ରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା
■ ସ୍କୁଲ ଖୋଲିବାକୁ ଅନୁମତି ପତ୍ର ବା ସାର୍ଟିଫିକେଟ ଅଫ ରିକଗନିଶନ ନାହିଁ
■ ବର୍ଷେ ଧରି ଚୁପ୍ ରହିବା ପଛର କାରଣ ଉପରେ ସନ୍ଦେହ

ସରକାରୀ ଅନୁମତିରେ ବେସରକାରୀ ବିଦ୍ୟାଳୟ ଖୋଲାଯାଇଛି । ବିଜ୍ଞାପନ ଜରିଆରେ ଅଭିଭାବକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି । ସଚେତନ ନ ଥିବା ଅଭିଭାବକମାନେ ଏସବୁ ବେଆଇନ ବିଦ୍ୟାଳୟରେ ନିଜ ଶିଶୁଙ୍କ ନାମ ଲେଖାଉଛନ୍ତି । ଏ ସଂକ୍ରାନ୍ତରେ ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଗତବର୍ଷ ମାଚ୍ଚ ୨୯ରେ ଏହି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗୋଷ୍ଠୀ ଶିକ୍ଷାଧିକାରୀ, ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ବୌଦ୍ଧ ଜିଲ୍ଲାପାଳ ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅବଗତ କରାଯାଇଥିଲା । ଏଭଳି ଆଇନ ଖିଲାପକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଜରିମାନା ପୈଠ ନ କଲେ ଦୈନିକ ୧୦ ହଜାର ଟଙ୍କା ଲେଖାଏଁ ଅତିରିକ୍ତ ଜରିମାନା ଦେବାର ଆଇନରେ ପ୍ରାବଧାନ ମଧ୍ୟ ରହିଛି ।

ତେବେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ କୈଫିୟତ ମିଳିବା ପରେ ତାକୁ ତର୍ଜମା କରାଯାଇ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ସେତେବେଳେ ସୂଚନା ଦେଇଥିଲେ । ବର୍ଷେ ବିତିଯାଇଥିଲେ ମଧ୍ୟ ଏହି ବିଦ୍ୟାଳୟକୁ କାହିଁକି ଅନୁକମ୍ପା ଦେଖା ଯାଉଛି ତାହା ତଦନ୍ତ ସାପେକ୍ଷ । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କୁ ଯୋଗାଯୋଗ କରିବାରୁ କ'ଣ ହୋଇଛି ଫାଇଲ ଦେଖିଲେ କହିବେ ବୋଲି ଉତ୍ତର ରଖିଥିଲେ ।

# ଖଡିଆଳରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ନୂଆପଡ଼ା, ୧୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଧନେଶ୍ୱର ସେଠୀ, ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଏସଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୭୨ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠି ଗତ, ମୋଟ ୮୧ଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ ।ସମସ୍ତ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସେହିପରି ୨ ଜଣ ଅସହାୟଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏଁ ତୁରନ୍ତ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ସମାଡ଼ପଦର୍ ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ଗ୍ରାମବାସୀ ଜିଲ୍ଲାପାଳଙ୍କ ପାଖରେ କରିଥିଲେ । ଏହା ଉପରେ ବିହିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ଖଡିଆଳ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର, ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।ଅଭିଯୋଗ ଶୁଣାଣି ଶିବିର ଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା । ଏହି ଅବସରରେ କେନ୍ଦୁପାଟି ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ୧୧୨ବର୍ଷ ପୁରୁଣା ବିଦ୍ୟାଳୟ

# ୮ ଶ୍ରେଣୀକୁ ୩ କୋଠରୀ

**ନୂଆପଡ଼ା, ୧୬ ।୩(ସମିସ)**

ନୂଆପଡ଼ା ଜିଲ୍ଲାରେ ପ୍ରାଥମିକ ଶିକ୍ଷାବ୍ୟବସ୍ଥା ଯେ କେତେଦୂର ସୁରକ୍ଷିତ ତାହା ଜିଲ୍ଲାର ମୁଖଶାଳା କୁହାଯାଇଥିବା ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଜଳଜଳ ହୋଇ ବାରି ହୋଇପଡୁଛି । ସହର ମୁଖ୍ୟସ୍ଥଳୀରେ ଥିବା ସରକାରୀ ବାଳକ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏହାର ଜ୍ୱଳନ୍ତ ଉଦାହରଣ । ୧୧୨ ବର୍ଷ ପୁରୁଣା ବିଦ୍ୟାଳୟ ବର୍ତ୍ତମାନ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ୩ଟି ଶ୍ରେଣୀ କୋଠରୀରେ ୮ଟି ଶ୍ରେଣୀର ପିଲା ପାଠ ପଢୁଥିବା ଭଳି ଅବସ୍ଥା ସ୍ଥିତିକୁ ଗମ୍ଭୀର କରିପକାଇଛି । ସୂଚନାନୁଯାୟୀ ଛତିଶଗଡ଼ ସୀମାନ୍ତବର୍ତୀ ତତକାଳୀନ ନୂଆପଡ଼ାରେ ୧୯୧୪ ମସିହାରେ ଏହି ପ୍ରାଥମିକ ବିଦ୍ୟାଳୟର ସ୍ଥାପନ ହୋଇଥିଲା । ଏହା ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକ ସୌଧ କହିଲେ ଅତ୍ୟୁକ୍ତି ହେବନାହିଁ । ପୂର୍ବତନ କଳାହାଣ୍ଡି ସାଂସଦ ତଥା ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା, ପୂର୍ବତନ ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ ସମେତ ବହୁ ପ୍ରଥିତଯଶା ବ୍ୟକ୍ତି ବିଶେଷଙ୍କର ପ୍ରାଥମିକ ଶିକ୍ଷା ଗ୍ରହଣ ଏଠାରେ ହୋଇଥିବା ପ୍ରକାଶ । ବର୍ତ୍ତମାନର ସ୍ଥିତି କହିଲେ ଜାତୀୟ ରାଜପଥ ୩୫୩ କଡରେ ଗାୟତ୍ରୀ ମନ୍ଦିର ନିକଟରେ ଏହି ବିଦ୍ୟାଳୟ ଅବସ୍ଥାପିତ ରହିଛି । କେବଳ ଲୋକଦେଖାଣିଆ ଭଳି ମୁଖ୍ୟ ଗେଟ ଟିକକ ରହିଛି । ପଛ ପଟେ ଖୋଲା ରହିଥିବାରୁ ଅନେକ ସମୟରେ ଜବର ଦଖଲକାରୀଙ୍କ କବଜାରେ ରହିଆସୁଛି । ଜମି ପଟ୍ଟାରେ ୮୨ଡେସିମିଲ ରହିଥିବା ବେଳେ ଜମି ମାପିବାକୁ ଗଲେ ମାତ୍ର ୬୬ଡେସିମିଲ ରହିଥିବା ପୂର୍ବତନ ଛାତ୍ରମାନେ ପ୍ରକାଶ କରନ୍ତି । ପୁରୁଣା ସ୍କୁଲ କୋଠାସବୁ ଭାଙ୍ଗି ଦଦରା ହେଲାଣି । ରୋଷେଇ ଘର ସ୍ଥିତି ନକହିବା ଭଲ। କେତେବେଳେ ଭୁଶୁଡି ପଡ଼ିବ ତାହା କହି ହେବନାହିଁ । ପାଚେରୀ ନାହିଁ ବୋଲି ବହୁ ସମୟରେ ଅସାମାଜିକ ବ୍ୟକ୍ତିବିଶେଷଙ୍କ ଆଡ୍ଡା ମଧ୍ୟ ଜମିଥାଏ । ଶ୍ରେଣୀ କୋଠରୀ ଅଭାବ ହେତୁ ମାତ୍ର ୩ଟି କୋଠରୀରେ ୮ଟି ଶ୍ରେଣୀର ପିଲା ବସି ପାଠ ପଢୁଛନ୍ତି । ପାଠ ପଢ଼ା ଯେ କେମିତି ହେଉଥିବ ଏଥିରୁ ସହଜରେ ଅନୁମେୟ । ଉଲ୍ଲେଖ ଯୋଗ୍ୟ ଯେ ସହର ଏକ ମୁଖ୍ୟ ବିଦ୍ୟାଳୟ କ୍ୟାମ୍ପସ ହୋଇଥିବା ହେତୁ ବିଭିନ୍ନ ସମୟରେ ଅଧିକାରୀମାନଙ୍କର ମଧ୍ୟ ଗସ୍ତ ହୋଇଥାଏ । ହେଲେ କୌଣସି ଅଧିକାରୀ କି ନେତାଙ୍କ ଦୃଷ୍ଟି ନପଡ଼ିବା ସମସ୍ତଙ୍କୁ ବ୍ୟଥିତ କରୁଥିବା ନେଇ ବିଦ୍ୟାଳୟର ପୁରାତନ ଛାତ୍ର ମେଘନାଦ ସେଠୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହା ଉପରେ ଖୋଦ ଜିଲ୍ଲାପାଳ ହସ୍ତକ୍ଷେପ କରି ବିଦ୍ୟାଳୟର ପୁନଃରୁଦ୍ଧାର କରିବାକୁ ଦାବି କରିଛନ୍ତି ।






# ବଜ୍ରାଘାତରେ ଜଣେ ମୃତ

**ଗୋଲାମୁଣ୍ଡା, ୧୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ସିନାମାଳ ଗ୍ରାମରେ ବଜ୍ରାଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ଉକ୍ତ ଗ୍ରାମର ଗୌରାଙ୍ଗ ବାଗ (୬୧) ବୋଲି ଜଣାପଡ଼ିଛି । ସେ ନିଜ ଜମିରେ କରିଥିବା ମୁଗ ଜଗିବାକୁ ନିଜ ପତ୍ନୀଙ୍କ ସହିତ ଜମିକୁ ଯାଇଥିଲେ । ଅପରାହ୍ନ ଦୁଇ ଘଟିକା ସମୟରେ କାଲବୈଶାଖୀ ସାଙ୍ଗକୁ ଘଡଘଡି ଓ ବର୍ଷା ହୋଇଥିଲା । ଏହି ସମୟରେ ବଜ୍ରାଘାତରେ ଗୌରାଙ୍ଗ ଟଳି ପଡ଼ିଥିବା ବେଳେ ପତ୍ନୀ ସୁରକ୍ଷିତ ଥିବା ଜଣାପଡ଼ିଛି । ଖବର ପାଇ ସ୍ଥାନୀୟ ଲୋକେ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କୁ ଯୋଗଯୋଗ କରିଥିଲେ । ଶ୍ରୀ ଅଗ୍ରୱାଲ ଗୋଲାମୁଣ୍ଡା ପୁଲିସକୁ ଜଣାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିରେ ଗୋଲାମୁଣ୍ଡା ଚିକିତ୍ସାଳୟରେ ପହଞ୍ଚାଇ ଥିଲେ । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ମୃତ ଘୋଷଣା କରିବା ପରେ ପୁଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ପୁଲିସ ସୂତ୍ରରୁ ପ୍ରକାଶ ପାଇଛି ।

# ବାଦିବାହାଲରେ କ୍ରୀଡ଼ାବିତ୍ ସମ୍ମିଳନୀ



**ସିନାପାଲି, ୧୬ ।୩ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବାଦୀବାହାଲ ଜଳ ଅମଳ ପ୍ରକଳ୍ପ ପରିସର ରେ କ୍ରୀଡାପ୍ରେମୀ ସ୍ଥାନୀୟ କ୍ରୀଡାପ୍ରେମୀଙ୍କ ଉଦ୍ୟମରେ ସ୍ପୋର୍ଟ୍ସ ଏନ୍ଥୁସିଆଷ୍ଟ ମିଟ୍୨୦୨୬ କ୍ରୀଡାବିତ୍ ସମ୍ମିଳନୀ ଆୟୋଜିତ ହୋଇଥିଲା । ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ କ୍ରୀଡା ଶାଖା ସହ ଜଡିତ କ୍ରୀଡାବିତ୍, କ୍ରୀଡାପ୍ରେମୀ ଓ ସମାଜସେବୀମାନଙ୍କ ଉତ୍ସାହପୂର୍ଣ୍ଣ ଉପସ୍ଥିତି ଦେଖିବାକୁ ମିଳିଥିଲା । ସମ୍ମିଳନୀରେ କ୍ରୀଡାବିତମାନେ ପରସ୍ପର ସହ ମତ ବିନିମୟ କରିବା ସହ ଅଞ୍ଚଳରେ କ୍ରୀଡାର ଉନ୍ନତି, ଯୁବପିଢ଼ିକୁ ଖେଳ ପ୍ରତି ଆକର୍ଷିତ କରିବା ଓ ନୂତନ ପ୍ରତିଭାଙ୍କୁ ଆଗକୁ ଆଣିବା ବିଷୟରେ ଗଭୀର ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଗଣେଶ ପୋଦ୍ଦ, ବୁଢ଼ାରଜା କ୍ରିକେଟ୍ କପ୍ ସିଙ୍ଘରେ ସମ୍ପାଦକ ପ୍ରେମଚାନ୍ଦ ବୈଠାରୁ, ନଙ୍ଗଲବୋଡ଼ର କ୍ରୀଡ଼ା ସଂଗଠକ ଦାଦୁ ଖାନ୍, କଳାହାଣ୍ଡି ଚିଟିଆ କ୍ରିକେଟ୍ ସଂଘର ସମ୍ପାଦକ ସୁଜିତ ସରାଫ୍, ଛତିଶଗଡ଼ର ଗୋହରପଦରରୁ ନରୋତ୍ତମ ସିହ୍ନା, ସିନାପାଲିର ବରିଷ୍ଠ କ୍ରୀଡାବିତ ପ୍ରକାଶ ପାତ୍ର ଓ କୋମନାର ବିଶିକେଶନ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ବରିଷ୍ଠ ଭାଷ୍ୟକାର ଧନଞ୍ଜୟ ମଲ୍ଲିକ କାର୍ଯ୍ୟକ୍ରମକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ ଓ ଭାଷ୍ୟକାର ଭୀମରାଜ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲାର ଦୁଇ ବରିଷ୍ଠ କ୍ରୀଡାବିତ ପ୍ରକାଶ ପାତ୍ର ଓ ବିଶିକେଶନ ବାଗଙ୍କୁ ବିଗତ ଓସିଏ ଅମ୍ପାୟାର୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ସମ୍ମାନିତ କରାଯାଇଥିଲା । ତାଙ୍କର ସଫଳତା ଯୁବ ଖେଳାଳିମାନଙ୍କୁ ପ୍ରେରଣା ଦେବ ବୋଲି ଅତିଥିମାନେ କହିଥିଲେ । ଆଗାମୀ ଦିନରେ ଅଞ୍ଚଳରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ପ୍ରଶିକ୍ଷଣ ଶିବିର ଓ କ୍ରୀଡା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମତ ପ୍ରକାଶ ପାଇଥିଲା । ସମ୍ମିଳନୀ ଆୟୋଜନରେ ରାମ ବିଶି, ଶ୍ରବଣ ସିଂ ଦଣ୍ଡସେନା, ମନିଷ ଧରୁଆ, ଚିନ୍ମୟ ନାଏକ, ବିହାରୀ ଲାଲ ମିଶ୍ର ଓ ବୃନ୍ଦାବନ ଭୋଇ ସକ୍ରିୟ ସହଯୋଗ କରିଥିଲେ । ସନ୍ତୋଷ ଶଗଡ଼ିଆ, ଉମାଦେବ ନାଗେଶ, ପୀତାମ୍ବର ମାଝୀ ସହ ଅନେକ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ ।

## କମର୍ସିଆଲ ଗ୍ୟାସ୍ ଯୋଗାଣ ନେଇ ବଣିକ ସଂଘର ବୈଠକ

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଭବାନୀପାଟଣା, ୧୬ ।୩(ସମିସ):** ଯୁଦ୍ଧ ଯୋଗୁଁ ବ୍ୟବସାୟିକ ଓ ଘରୋଇ ଏଲପିଜି ଗ୍ୟାସ ସଂକଟ ଦେଖାଦେଇଛି । ରେଷ୍ଟୁରାଣ୍ଟ, ଖାଦ୍ୟ ବିକ୍ରେତା ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି । ଆଗକୁ ମିଳିବ କି ନାହିଁ ଆଶଙ୍କା କରି ଲୋକେ କଳାବଜାରରେ ଗ୍ୟାସ୍ କିଣୁଛନ୍ତି । କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଗ୍ୟାସ୍ ସିଲିଣ୍ଡର ଅଭାବ ଉତ୍କଟ ସ୍ଥିତିରେ ପହଞ୍ଚିଛି । ଭବାନୀପାଟଣାର ଅନେକ ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ଗ୍ୟାସ୍ ଅଭାବରୁ ବନ୍ଦ ହେବା ଆରମ୍ଭ ହେଲାଣି ତ ଆଉ କିଛି ଗ୍ୟାସ୍ ପାଇଁ ସଂଘର୍ଷ କରୁଛନ୍ତି । ଏନେଇ ସ୍ଥାନୀୟ ଭାଗୀରଥି ଇନ୍‌ଠାରେ ବଣିକ ସଂଘ ପକ୍ଷରୁ ଭବାନୀପାଟଣାର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, କେଫେ, ଫାଷ୍ଟଫୁଡ ତଥା ଫୁଡ୍‌ଷ୍ଟଲ୍ ମାଲିକମାନଙ୍କ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କମର୍ସିଆଲ ଗ୍ୟାସ ଯୋଗାଣକୁ ନେଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ସୋମବାର ସକାଳେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କୁ ବଣିକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ରେଷ୍ଟୁରାଣ୍ଟ, ହୋଟେଲ, ଫାଷ୍ଟଫୁଡ, ଟିଫିନ ସେଣ୍ଟର ଆଦି ଖାଦ୍ୟ ଷ୍ଟଲକୁ ବ୍ୟବସାୟିକ ଏଲପିଜି ଗ୍ୟାସ୍ ଯୋଗାଣ କରିବା, କୋଇଲା ଓ କାଠରେ ରନ୍ଧନ ପାଇଁ ଅନୁମତି, ଗ୍ୟାସ୍ ଏଜେନ୍ସୀର କଳାବଜାରୀ ରୋକିବା, କୋଇଲା ଭାରକୁ ଫରେଷ୍ଟ ବିଭାଗ ପକ୍ଷରୁ କୋହଳ କରିବା ଏବଂ ଗ୍ୟାସ ସଂକଟ ଦୂର ନହେବା ପର୍ଯ୍ୟନ୍ତ ଖାଦ୍ୟ ବ୍ୟବସାୟୀଙ୍କୁ ନିରିକ୍ଷଣ ନାମରେ ହଇରାଣ ନକରିବା ଆଦି ବିଷୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରତିନିଧି ଦଳରେ କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ ସାହୁ, ସାଧାରଣ ସମ୍ପାଦକ ନିରୋଜ ପଟ୍ଟନାୟକ, ବିଶିଷ୍ଟ ବ୍ୟବସାୟୀ ପ୍ରମୋଦ ଖମାରୀ, ସହସମ୍ପାଦକ ସଚ୍ଚିଦାନନ୍ଦ ସାହୁ, ପ୍ରମୋଦ ଜୈନ, ଯୁବ ଉଦ୍ୟୋଗୀ ଅବିନାଶ ଠାକୁର, ମହମ୍ମଦ କରୀମ, ଅବିନାଶ ଅଗ୍ରୱାଲ, ରାଜ ମିଶ୍ର, ସାଇ ଅଗସ୍ତି ପ୍ରମୁଖ ସାମିଲ ଥିଲେ ।



# ରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

**ଭବାନୀପାଟଣା, ୧୬ ।୩ (ସମିସ):** ରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟ ସଭାପତି ରାଜେନ୍ଦ୍ର ଚିନ୍ଦାଙ୍କ ଅଧ୍ୟକ୍ଷତାରେ ଅତିଥି ବକ୍ତା ଭାବେ ବକ୍ସି ତୁଳସୀପାଲି, ସାଧନା କେନ୍ଦ୍ର ସଂଯୋଜକ ପରେଶ ପଣ୍ଡା ଓ ସାନ ଡୁମେରବାହାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶାଙ୍କ ଶେଖର ପାତ୍ର ଯୋଗ ଦେଇଥିଲେ । ଶିକ୍ଷୀ ହେମନ୍ତୀ ମାଝୀ, ସୋନାକ୍ଷୀ ଶବର, ତ୍ରିବେଣୀ ନାଗ ଓ ଅର୍ଚ୍ଚିତା କରୁଆଁ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ । ଭୂମିକା ଚିନ୍ଦା ସୁଭାଷିତ ଉପସ୍ଥାପନା କରିଥିଲେ । ୨୫-୨୬ ବର୍ଷ ପାଇଁ ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ ହେମନ୍ତୀ ମାଝୀ, ସ୍ୱଚ୍ଛତା ପାଇଁ ଜିତେନ୍ଦ୍ର ପାତ୍ର, ଶ୍ରେଷ୍ଠ ଉପସ୍ଥାନରେ ଶେଫାଳି ନାଏକ, ଶୃଙ୍ଖଳିତ ଛାତ୍ର ଜଗନ୍ନାଥ ବାଣୁଆଁ ଓ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଛାତ୍ରଭାବେ ପୁରୁଷୋତ୍ତମ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ସମୟରେ ଅନୁଷ୍ଠିତ କ୍ରୀଡ଼ା, ବକ୍ତୃତା, ପ୍ରବନ୍ଧ, ଗୀତ, ପୁଚି ଆଦି ପ୍ରତିଯୋଗିତାର କୃତି ପ୍ରତିଭାମାନଙ୍କୁ ଅବସରରେ ପୁରସ୍କୃତ କରାଯାଇଥିଲା । ଅଷ୍ଟମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା କ୍ରମରେ ଉପାଦେୟ ପୁସ୍ତକ ଓ ପଠନ ସାମଗ୍ରୀ ପ୍ରଦାନ ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଜୟ ପ୍ରକାଶ ଯାନୀ ପରିଚାଳନା କରିଥିବା ବେଳେ ଶିକ୍ଷକ କାଳୁ ଚରଣ ମହାରଣା ଓ ବିରଞ୍ଚି ନାରାୟଣ ମୁଣ୍ଡ ସହଯୋଗ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ହୋତା ଉଦ୍ଦେଶ୍ୟ ଜ୍ଞାପନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରକାଶ ଥାଉ କି, ୧୯୭୫ରେ ସ୍ଥାପିତ ଏଇ ବିଦ୍ୟାଳୟର ୫୦ବର୍ଷ ପରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଉତ୍ସବ 'ସୁବର୍ଣ୍ଣ ଜୟନ୍ତୀ'ଗତ ୦୪ ମାର୍ଚ୍ଚ ୨୫ରେ ଉଦ୍‌ଘାଟିତ ହୋଇଥିଲା । ଏଇ ଭିତରେ ଖଡିଛୁଆଁ, ଆସ ସ୍କୁଲ ଯିବା, ସ୍ୱଚ୍ଛ ଗ୍ରାମ ଆଦି କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା ।



## ଜୁନାଗଡ଼ ଓକିଲ ସଂଘ ନିର୍ବାଚନ

# ସଭାପତି ହିମାଂଶୁ, ସମ୍ପାଦକ ରମେଶ

**ଜୁନାଗଡ଼, ୧୬ ।୩ (ସମିସ):** ଜୁନାଗଡ଼ ଓକିଲ ସଂଘ ସମସ୍ତ ପଦାଧିକାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ।ଚଳିତ ବର୍ଷ ର ଓକିଲ ସଂଘ ନିର୍ବାଚନରେ ସମସ୍ତ ପାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।ଗତ ମାର୍ଚ୍ଚ ୭ ତାରିଖରୁ ୯ ତାରିକ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ଥିଲା । ସମସ୍ତ ପଦ ପାଇଁ ଗୋଟିଏ ଲେଖାଏଁ ନାମାଙ୍କନ ହୋଇଥିଲା । ୧୧ରେ ନାମାଙ୍କନ ପତ୍ର ଯାଞ୍ଚ ଓ ୧୩ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଥିଲା । କେହି ନାମାନଙ୍କ ପତ୍ର ପ୍ରତ୍ୟାହାର ନ କରିଥବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ବରିଷ୍ଠ ଓକିଲ ନୀଳକଣ୍ଠ ମିଶ୍ର ରାଜ୍ୟ ଓକିଲ ସଂଘକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଚଳିତ ବର୍ଷ ପାଇଁ ସଭାପତି ଭାବେ ହିମାଂଶୁ ବରାଡ, ଉପସଭାପତି ଦିପେନ କୁମାର ସାହୁ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ନାୟକ, ସହସମ୍ପାଦକ ଜୁଳିରକ୍ଷଣୀ ନାୟକ, ସହ ସମ୍ପାଦକ ସୁଶୀଲ କୁମାର ପାଢ଼ୀ, ପାଠାଗାର ସମ୍ପାଦକ କାମାକ୍ଷା ପ୍ରସାଦ ବାଗ, କୋଷାଧକ୍ଷ ମିଳାପଚନ୍ଦ୍ର ଜୈନ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ମଦନମୋହନ ସାହୁ, ଅଶୋକ କୁମାର ପାତ୍ର, ଶିଶିର କୁମାର ପଟ୍ଟନାୟକ, ବାଲକୃଷ୍ଣ ଅଚାରୀ, ଧନେଶ୍ୱର ନାଏକ, ମମତା ବାରିକ ନିର୍ବାଚିତ ହୋଇଥିବା ଶ୍ରୀ ମିଶ୍ର ଜଣାଇଛନ୍ତି । ସମସ୍ତେ ଆସନ୍ତା ୨୮ ରୁ ଦାୟିତ୍ୱ ନେବେ ବୋଲି ଜଣାଯାଇଛି । ସମସ୍ତ ଓକିଲ ସଂଘ ସହ ମିଶି ନୂତନ କମିଟି ସ୍ଥାନୀୟ ଲୋକଙ୍କ ଆଇନଗତ ସେବା ସହ ସାମାଜିକ ଦାୟିତ୍ୱ ପୁରା କରିବାକୁ ବଦ୍ଧ ପରିକର ବୋଲି ନୂତନ ସଭାପତି ଶ୍ରୀ ବରାଡ ଜଣାଇଛନ୍ତି ।





# ବଡ଼ପୋଡ଼ାଗୁଡ଼ାରେ ଷୋହଳ ପ୍ରହର ନାମଯଜ୍ଞ

**କୋକସରା, ୧୬ ।୩(ସମିସ):** ଗତ ଦୁଇ ଦିନ ହେଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ାରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଚାଲିଛି । ନାମଯଜ୍ଞରେ ପଣ୍ଡିତ ଦିଲ୍ଲୀପ କୁମାର ଯୋଷୀ, ସହଯୋଗୀ ପ୍ରତାପ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ନିଳାମ୍ବର ଦାସ ଓ ତାଙ୍କ ସହଧର୍ମିଣୀ ରୁବି ଦାସ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।ବଡ଼ପୋଡ଼ାଗୁଡ଼ା ଗ୍ରାମର ତିନୋଟି ସଂକୀର୍ତ୍ତନ ମଣ୍ଡଳୀ ସହିତ କଳାହାଣ୍ଡି ଜିଲ୍ଲା, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରୁ ମୋଟ ୯ଟି ଦଳ ଯୋଗଦେଇଛନ୍ତି । ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଫଳରେ ଗତ ଦୁଇଦିନ ଧରି ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । କମିଟିର ସଭାପତି ଲଳିତ ମୋହନ ନାଏକ, ଉପସଭାପତି ଘନଶ୍ୟାମ ବେମାଲ, ସମ୍ପାଦକ ଦେବେନ୍ଦ୍ର ଧଙ୍ଗଡ଼ାମାଝୀ, ସହସମ୍ପାଦକ ରୁତୁରାମ ପ୍ରଧାନୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦାସ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ବଡ଼ପୋଡ଼ାଗୁଡ଼ା ଗ୍ରାମର ଯୁବତୀ, ମହିଳା, ପୁରୁଷ ଓ ଯୁବବର୍ଗ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଉଛନ୍ତି ।

## ନୂଆପଡ଼ାରେ 'ସୁଭଦ୍ରା' ଶକ୍ତି ମେଳା

# ଲୋକନୃତ୍ୟ, ଅର୍କେଷ୍ଟ୍ରା ଓ ସମ୍ବଲପୁରୀ ଫ୍ୟାସନ ସୋ' ପ୍ରଦର୍ଶନ



**ନୂଆପଡ଼ା, ୧୬ ।୩(ସମିସ):** ନୂଆପଡ଼ାରେ ଆୟୋଜିତ ଜିଲ୍ଲାସ୍ତରୀୟ 'ସୁଭଦ୍ରା ଶକ୍ତି ମେଳା୨୦୨୬'ର ଷଷ୍ଠ ସାଂସ୍କୃତିକ ସନ୍ଧ୍ୟା ଉତ୍ସାହ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସାଂସ୍କୃତିକ ଦଳଙ୍କ ଲୋକନୃତ୍ୟ ଓ ସମ୍ବଲପୁରୀ ଫ୍ୟାସନ ସୋ ପରିବେଷଣରେ ନେସନାଲ କଲେଜ ମେଳା ପ୍ରାଙ୍ଗଣ ଉତ୍ସବମୁଖର ହୋଇଉଠିଥିଲା । ନୂଆପଡ଼ା ଜିଲ୍ଲା ତଥା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ଉଦ୍ୟୋଗୀମାନେ ମେଳାରେ ନିଜ ନିଜ ଷ୍ଟଲ ମାଧ୍ୟମରେ ବିଭିନ୍ନ ଉତ୍ପାଦର ବିକ୍ରିବଟା କରୁଛନ୍ତି । ଲୋକ ସଂସ୍କୃତି ଓ କଳାକୁ ପ୍ରୋତ୍ସାହନ ଦେବା ସହିତ ମହିଳା ସଶକ୍ତିକରଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ, ନୂଆପଡ଼ା ଓ ଓଡ଼ିଶା ସରକାରଙ୍କ ମିଶନ୍ ଶକ୍ତି ବିଭାଗର ଆନୁକୂଲ୍ୟରେ ମେଳା ଆୟୋଜିତ ହୋଇଛି । ଅନୁଷ୍ଠିତ ସଭାର ସଭାପତି ଅତିରିକ୍ତ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ସ୍ୱାଗତ ଅଭିଭାଷଣ ସ୍ୱରଚିତ କବିତା ମାଧ୍ୟମରେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଏନ୍ଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ଯୋଗଦେଇ ସୁଭଦ୍ରା ଯୋଜନା ଓ ଶକ୍ତି ମେଳା କିଭଳି ମହିଳାଙ୍କୁ ସଶକ୍ତ କରୁଛି ବ୍ୟକ୍ତ କରିଥିଲେ । ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ ହୋଇଥିଲା । ମଞ୍ଚରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମଞ୍ଚରେ ଅତିଥିମାନଙ୍କୁ ସ୍ମୃତି ଉପହାର ପ୍ରଦାନ କରାଯାଇଥିଲା । ମେଳା ଉପଲକ୍ଷେ ଅନୁଷ୍ଠିତ ବେଣୀ ବନ୍ଧା ଓ ରଙ୍ଗୋଲୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା ।ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।ସାଂସ୍କୃତିକ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସୁରେଶ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ରେନବୋ ଫ୍ୟାସନ ଟିମ୍, ପଦମପୁର ପକ୍ଷରୁ ଆକର୍ଷଣୀୟ ସମ୍ବଲପୁରୀ ଫ୍ୟାସନ ସୋ'ପରିବେଷଣ କରାଯାଇଥିଲା । ।ସେହିପରି ମା'ପିପଲପାଲେନ ଘୁମୁରା ଦଳ, ଭେରୁମାଲ, ଗଭର୍ଣ୍ଣମେଣ୍ଟ ଏସ୍‌ଏସ୍‌ଡି. ହାଇସ୍କୁଲ, ଧରମବନ୍ଧା, ନବୋଦିତ୍ୟ ବିଦ୍ୟାଳୟ ନୂଆପଡ଼ା, ମୃଣ୍ମୟୀ ବଜାସାଲ, କଳାହାଣ୍ଡି, ମା' ଦକ୍ଷିଣକାଳୀ ବଜାସାଲ, କୋଟେନମୁଣ୍ଡା ବିଭିନ୍ନ ଲୋକ ନୃତ୍ୟ ପରିବେଷଣ କରିଥିଲେ । ତିଲକ ଚକ୍ରବର୍ତୀ, ଅଂଶୁମାନ ଓ ତ୍ରିଷାଙ୍କ ଦଳ ଷ୍ଟାର ନାଇଟରେ ମେଲୋଡି ପରିବେଷଣ କରିଥିଲେ ।

## ଭେଦଭାବର ଶିକାର ଅଭିଯୋଗ

# ଅନିଶ୍ଚିତତାରେ ଦୁଇ ଶିଶୁସେବିକା ପ୍ରାର୍ଥୀନୀଙ୍କ ନିଯୁକ୍ତି

**କଲମପୁର, ୧୬ ।୩(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ଶିଶୁସେବିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହେବାରେ ଲାଗିଛି । ସରକାର ନିତି ନୀୟମ ପ୍ରଣୟନ କରିଛନ୍ତି, ତାହାକୁ ପାଳନ କରିବା ସମ୍ପୃକ୍ତ ବିଦ୍ୟାଳୟମାନଙ୍କର ଦାୟିତ୍ୱ, ହେଲେ ଏଥିରୁ କିପରି ଫାଇଦା ହାସଲ କରିବେ ସେ ଦିଗରେ ବିଦ୍ୟାଳୟ ମାନେ ତତ୍ପର ହୋଇ ଉଠିଛନ୍ତି । ଯାହାର ସଦ୍ୟ ଉଦାହରଣ କଲମପୁର ବ୍ଲକ ପାତ୍ରବସା ଓ କସାବାହି ବିଦ୍ୟାଳୟର ଅଭିଯୋଗରୁ ଜଣାପଡ଼ିଛି । ପାତ୍ରବସା ବିଦ୍ୟାଳୟ ପାଇଁ ବିଜ୍ଞପ୍ତି ପ୍ରକାଶନ ପୂର୍ବରୁ ସେହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଯେଉଁ ପ୍ରାର୍ଥନୀଙ୍କ ନାମ ନେଇ ଡିଣ୍ଡିମ ପିଟିଲେ ସେହି ପ୍ରାର୍ଥନୀଙ୍କ ନାମ ହି ଶିଶୁ ସେବିକା ଲାଗି ସୁପାରିସ କଲେ । ଏହି ଘଟଣାବଳୀକୁ ନୀରିଖେଇ ଦେଖିଲେ ସତ୍ୟତା ଆପେ ଆପେ ବାରି ହୋଇ ପଡ଼ିଛି । ବିଦ୍ୟାଳୟ ପକ୍ଷରୁ ବିଜ୍ଞାପନ ପ୍ରକାଶିତ ହେଲା ନାହିଁ, ବିଦ୍ୟାଳୟର ପରିଚାଳନା ସଭାପତି ଏଠାରେ ରହୁନଥିବା ବେଳେ ତାଙ୍କର କୌଣସି ସନ୍ତାନ ସନ୍ତତି ବିଦ୍ୟାଳୟରେ ଅଧ୍ୟୟନ କରୁ ନାହାନ୍ତି । କୌଣସି ସୂତ୍ରରୁ ଖବର ପାଇ ଦ୍ୱିତୀୟ ପ୍ରାର୍ଥନୀ ଆବେଦନ ଲାଗି ବାରମ୍ବାର ବିଦ୍ୟାଳୟକୁ ଯିବା ସତ୍ତ୍ୱେ ଆବେଦନପତ୍ରକୁ ଗ୍ରହଣ ନ କରି ଫେରାଇ ଦିଆଗଲା । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ଅନ୍ୟମାନଙ୍କ ଅନୁରୋଧ କ୍ରମେ ଦ୍ୱିତୀୟ ପ୍ରାର୍ଥନୀଙ୍କ ଆବେଦନ ଗ୍ରହଣ କରାଗଲା, ତାହା ପୁଣି ପ୍ରଧାନଶିକ୍ଷକଙ୍କ ଆଦେଶକ୍ରମେ ଅନ୍ୟଜଣେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଆବେଦନ ପତ୍ର ଗ୍ରହଣ କଲେ । କିନ୍ତୁ ଯେତେବେଳେ ବୈଠକ ବସି ନିଷ୍ପତ୍ତି ନିଆଗଲା ସେତେବେଳେ ଜଣେ ମାତ୍ର ପ୍ରାର୍ଥନୀ ଆବେଦନ କରିଥିବା କୁହାଗଲା, ଏଥିରେ ପୁଣି କୁହାଗଲା ଯେ ଧାର୍ଯ୍ୟ ସମୟରେ ଦୁଇଜଣ ଆବେଦନ କରିଥିଲେ । ଅନ୍ୟମାନେ ଧାର୍ଯ୍ୟ ସମୟ ପରେ ଆବେଦନ କରିଛନ୍ତି । ଏଣୁ ବିଇଓଙ୍କ ନିର୍ଦ୍ଦେଶ ଅନୁସାରେ ଦୁଇଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇଛି, ସେଥିମଧ୍ୟରେ ଜଣେ ଅବିବାହିତା ଓ ଅନ୍ୟଜଣେ ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ଏଥିପାଇଁ ନିୟମ ଅନୁସାରେ ସ୍ୱାମୀ ପରିତ୍ୟକ୍ତାଙ୍କୁ ଏହି ପଦବୀ ଦିଆଗଲା, ପୁଣି ବିଇଓ ଅଫିସକୁ ରିପୋର୍ଟ ଦିଆଗଲା ଯେ ଜଣେମାତ୍ର ପ୍ରାର୍ଥନୀ ଆବେଦନ କରିଛନ୍ତି, ଏଣୁ ତାଙ୍କୁ ଚୟନ କରାଯାଇଛି, ତିନି ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ଜଣେ ମାତ୍ର ପ୍ରାର୍ଥନୀ ଆବେଦନ କରିଥିବା ପ୍ରସଙ୍ଗକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରି ନ ଥିଲେ । ଦିତୀୟ ପ୍ରାର୍ଥନୀ ଯେଉଁ ଲିଖିତ ଅଭିଯୋଗ କରିଛନ୍ତି ତାହା ସମସ୍ତଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ସେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ ମୁଁ ଧାର୍ଯ୍ୟ ସମୟରେ ଆବେଦନ କରିଛି, ମୋର ଆବେଦନ ଗ୍ରହଣ କରାଯାଉ ନଥିଲା, ମୁଁ ସମ୍ପୃକ୍ତ ବିଦ୍ୟାଳୟ ଠାରୁ ନିରାଶ ହୋଇ ବାରମ୍ବାର ବିଇଓ ଅଫିସକୁ ଆସି ଅନୁରୋଧ କଲି । ଶେଷରେ ମୋ ଆବେଦନ ପତ୍ର ଗ୍ରହଣ କରାଗଲା, ମୁଁ ଆବେଦନ କରିବା ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୁପସ୍ଥିତ ରହିଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ତାଙ୍କ ନିର୍ଦ୍ଦେଶରେ ମୋ ଆବେଦନପତ୍ର ଗ୍ରହଣ କଲେ । ଏହି ସମୟରେ ଆମ ୱାର୍ଡ ସଦସ୍ୟା ମଧ୍ୟ ଉପସ୍ଥିତ ଥିଲେ, ପୁଣି ସେ ଲେଖିଛନ୍ତି ମୁଁ ଅନୁସୁଚିତ ଜାତି ଯୋଗୁଁ ମୋତେ ଭେଦଭାବ ରଖି ଏପରି କରାଯାଇ ଓବିସି ବର୍ଗର ପ୍ରାର୍ଥୀନୀଙ୍କୁ ଏହି ପଦବୀ ଦିଆଯାଇଛି, ସେ ବି ସ୍ୱାମୀ ପରିତ୍ୟକ୍ତା ଓ ମୁଁ ମଧ୍ୟ ସ୍ୱାମୀ ପରିତ୍ୟକ୍ତା, ସେ ଆପୋଷ ମାଧ୍ୟମରେ ସ୍ୱାମୀ ପରିତ୍ୟକ୍ତା ହୋଇଥିବା ବେଳେ ମୋତେ ମଧ୍ୟ ସରପଞ୍ଚ ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର ଦେଇଛନ୍ତି, ଅର୍ଥାତ୍ ଆମ କାହାରି ପାଖରେ ମଧ୍ୟ ଠୋସ ପ୍ରମାଣ ପତ୍ର ନାହିଁ । ଏହି ଦୃଷ୍ଟିରୁ ମୋତେ ଅଗ୍ରାଧିକାର ଦେବା ବଦଳରେ ଅନ୍ୟ ଜଣକୁ ଉଦେଶ୍ୟମୂଳକ ଭାବେ ପ୍ରଦାନ କରାଯାଇଛି ବୋଲି ବିଇଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଯଦିଓ ପାତ୍ରବସା ମାମଲାରେ ଶିକ୍ଷକଙ୍କ ଭୂମିକା ସଂଦେହ ଘେରରେ ରହିଥିବା ବେଳେ କସାବାହି ବିଦ୍ୟାଳୟରେ କିନ୍ତୁ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି । ଏଠାରେ ଶିକ୍ଷକ ଯତ୍ନଶୀଳ ଭାବେ ସ୍ୱଚ୍ଛତା ଆଣିବାକୁ ପ୍ରୟାସ କରିଛନ୍ତି, କିନ୍ତୁ ବିଇଓ ଅଫିସରେ ଲୁଚିଥିବା ମାଷ୍ଟର ମାଇଣ୍ଡ ସବୁ ଖେଳ ବିଗାଡିବାରେ ଲାଗିଛି, କସାବାହି ବିଦ୍ୟାଳୟ ପାଇଁ ତିନି ଜଣ ପ୍ରାର୍ଥୀନୀ ଆବେଦନ କରିଥିଲେ । ସେଥିରେ ଜଣେ ଅନୁସୂଚିତ ଜନଜାତିର ପ୍ରାର୍ଥୀନୀଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା, ପରବର୍ତ୍ତୀ ସମୟରେ ଅନ୍ୟ ଜଣେ ଓବିସି ବର୍ଗର ପ୍ରାର୍ଥୀନୀ ଯାହାକୁ ଚୟନ କରାଯାଇଛି ସେ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସମ୍ପର୍କିୟ ବୋଲି ଅଭିଯୋଗ କଲେ । ଯେଉଁ ଓବିସି ବର୍ଗର ପ୍ରାର୍ଥୀନୀ ଅଭିଯୋଗ କରିଥିଲେ ସେ ମଧ୍ୟ ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର ଦାଖଲ କରିପାରି ନଥିଲେ । ଏଥିପାଇଁ ତୃତୀୟ ପ୍ରାର୍ଥୀନୀଙ୍କୁ ଚୟନ କରାଯାଇଥିଲା, ସେ ଅନୁସୂଚିତ ଜାତିର ହୋଇଥିବା ବେଳେ ପ୍ରଥମେ ତାଙ୍କୁ ଚୟନ ପ୍ରକ୍ରିୟାରୁ ବାଦ ଦିଆଯାଇଥିଲା, କାରଣ ସେ ଅବାହିତ ବୋଲି ଅନ୍ୟମାନଙ୍କୁ ବିଚାରକୁ ନିଆଯାଇ ଥିଲା, ଦୁଇଜଣ କଟିଯିବା ପରେ ଏହି ପ୍ରାର୍ଥୀନୀଙ୍କ କଥା ବିଚାରକୁ ନିଆଯାଇ ଥିଲା । କିନ୍ତୁ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକମାନେ ଏହି ତୃତୀୟ ପ୍ରାର୍ଥୀନୀଙ୍କୁ ଚୟନ କରିଥିବା ବେଳେ କିଛି ଲୋକ ଭେଦଭାବ ମନୋଭାବ ରଖି ଏହାକୁ ବିରୋଧ କରୁଥିବା ଫଳରେ ନିଯୁକ୍ତି ଦିଆଯାଇ ପାରୁନାହିଁ । ଏଥିଯୋଗୁଁ ଏହି ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଅଟକି ରହିଛି, ଏନେଇ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରୁନାହିଁ, ଏପଟେ ଉଭୟ ଘଟଣାକୁ ନେଇ ସିଡ୍ୟୁଲକାଷ୍ଟ ଫେଡେରେସନର ସକ୍ରିୟ ସଦସ୍ୟ ଶ୍ରୀକାନ୍ତ ଛତ୍ରିଆ ତଥା ଅନ୍ୟ ବୁଦ୍ଧିଜୀବିମାନେ ଯଦି ଉଭୟ ପ୍ରାର୍ଥୀନୀଙ୍କୁ ନ୍ୟାୟ ନ ମିଳେ ତେବେ ଆମେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି ।

### ମୁକୁଳା ପଡ଼ିଛି ସିନାପାଲି ଅଞ୍ଚଳର ଅନେକ ନାଳ

# ଗ୍ରୀଷ୍ମରେ ଚୁପ୍, ବର୍ଷାରେ ମନେପଡ଼େ

**ସିନାପାଲି, ୧୬ ।୩(ସମିସ)**

ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକର ଅନେକ ଗ୍ରାମରେ ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖିନ ହୋଇଆନ୍ତି। ରାସ୍ତା ଓ ପୋଲର ଦୂରାବସ୍ଥା ଯୋଗୁଁ ଗାଁ ଲୋକେ ଜଳବନ୍ଦୀ ହୋଇପଡ଼ନ୍ତି। କିନ୍ତୁ ଦୁଃଖର କଥା, ଏହି ସମସ୍ୟା ବର୍ଷ ଧରି ଲାଗି ଥିଲେ ମଧ୍ୟ ପ୍ରଶାସନର ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ଆନ୍ତରିକତା ନ ଥିବାରୁ ମୁଖ୍ୟତଃ ବର୍ଷା ଋତୁ ଆସିଲେ ଦେଖଣିଆ ଭାବରେ ମନେ ପକାଇଥାଏ ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଉଛି।ସିନାପାଲି ବ୍ଲକ ଅଞ୍ଚଳରେ ଗୋଡାଲ ନାଳ, କାପସି ନାଳ, ଧିଙ୍ଗିଆମୁଣ୍ଡା ନାଳ, ମେଢ଼ାର ନାଲ, ଧାଙ୍ଗରିନାଳ, ସାଗଯୋର ନାଳା ଭଳି ଅନେକ ଛୋଟ ବଡ଼ ନାଳ ଅଛି। ଗ୍ରୀଷ୍ମ ଋତୁରେ ଏହି ନାଳଗୁଡ଼ିକ ଶୁଷ୍କ ଥାଏ ଓ ଲୋକମାନେ ସହଜରେ ଯାତାୟାତ କରନ୍ତି। କିନ୍ତୁ ବର୍ଷା ଆସିଲେ ଏହି ନାଳଗୁଡ଼ିକରେ ପାଣି ଭରିଯାଏ ଓ ରାସ୍ତା ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ଯାହା ଫଳରେ ଅନେକ ଗ୍ରାମର ଲୋକେ ଜଳବନ୍ଦୀ ହୋଇ ରହିବାକୁ ବାଧ୍ୟ ହୁଅନ୍ତି। ବିଶେଷ କରି ଛାତ୍ରଛାତ୍ରୀ ସବୁଠାରୁ ବେଶି ପ୍ରଭାବିତ ହୁଅନ୍ତି। ବର୍ଷା ଦିନରେ ନାଳରେ ପାଣି ବଢ଼ିଗଲେ ସେମାନେ ସ୍କୁଲକୁ ଯିବା ଆସିବା କରିପାରନ୍ତି ନାହିଁ। ଅନେକ ସମୟରେ ଛାତ୍ରଛାତ୍ରୀ ପାଣି ଭିତରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ଏହା କେବଳ ଶିକ୍ଷାକୁ ନୁହେଁ, ଜୀବନ ସୁରକ୍ଷାକୁ ମଧ୍ୟ ଚିନ୍ତାର ବିଷୟ କରିଛି।



ଏହି ସମୟରେ ପ୍ରଶାସନିକ ଅଧିକାରୀ, ନେତା, ମନ୍ତ୍ରୀ ପହଞ୍ଚି ପୋଲ ନିର୍ମାଣର ପ୍ରତିଶ୍ରୁତି ଦେଇ ଚାଲିଯାଆନ୍ତି। ହେଲେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ରେ ରହିଯାଏ। ବର୍ଷ ବର୍ଷ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଥିର ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଯାହାଫଳରେ କିଛି ଗ୍ରାମର ଜନସାଧାରଣ ୨୦୨୭ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି।ସେହିପରି ଗ୍ରାମର ଲୋକମାନେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଅସୁସ୍ଥ ଲୋକଙ୍କୁ ହସ୍ପିଟାଲକୁ ନେବା, କୃଷକମାନଙ୍କୁ ବଜାରକୁ ଯିବା, ଦୈନିକ ଜୀବନର ଆବଶ୍ୟକ କାମ କରିବା ସବୁ କିଛି ବର୍ଷା ଦିନରେ ଅସୁବିଧା ହୋଇପଡ଼େ। ଅନେକ ସମୟରେ ଜରୁରୀ ସମୟରେ ମଧ୍ୟ ଯାତାୟାତ ବନ୍ଦ ହୋଇଥାଏ।ଏବେ ଗ୍ରୀଷ୍ମ ଋତୁ ଚାଲିଛି ଓ ଆଉ ଦୁଇ ତିନି ମାସ ପରେ ବର୍ଷା ଆସିବ। ଏହି ସମୟଟି ହେଉଛି ରାସ୍ତା ଓ ପୋଲ ତିଆରି କରିବା ପାଇଁ ସବୁଠାରୁ ଭଲ ସମୟ। ଯଦି ଏହି ଖରା ଦିନରେ ଗୋଡାଲ ନାଳ, କାପସି ନାଳ, ଧିଙ୍ଗିଆମୁଣ୍ଡା ନାଳ ଭଳି ଅନେକ ସ୍ଥାନରେ ଛୋଟ ପୋଲ କିମ୍ବା କଲଭର୍ଟ ତିଆରି କରାଯାଏ, ତେବେ ଯାଇ ବର୍ଷା ଦିନରେ ଲୋକମାନେ ଏହି ଦୀର୍ଘଦିନର ସମସ୍ୟାରୁ ମୁକ୍ତି ପାଇପାରିବେ। ଦୁଃଖର କଥା, ଅନେକ ସମୟରେ ପ୍ରଶାସନ ବର୍ଷା ଆସିଲା ପରେ ମାତ୍ର ଏହି ସମସ୍ୟାକୁ ମନେ ପକାଏ। ସେତେବେଳେ ପାଣି ଭରିଯାଇଥିବାରୁ କାମ କରିବା ସମ୍ଭବ ହୁଏ ନାହିଁ ଓ ପରବର୍ତ୍ତୀ ବର୍ଷ ପର୍ଯ୍ୟନ୍ତ ସମସ୍ୟା ଅବିଚଳ ରହିଯାଏ। ଏହି ଚକ୍ର ପ୍ରତିବର୍ଷ ଚାଲି ଆସୁଛି।ସେଥିପାଇଁ ସ୍ଥାନୀୟ ଲୋକମାନଙ୍କ ଆଶା ଯେ ସିନାପାଲି

### ପ୍ରଶାସନର ଅଜବ ନୀତି

ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱ ସହ ନେଇ ଏହି ଗ୍ରୀଷ୍ମଋତୁରେ ଆବଶ୍ୟକ ପୋଲ ଓ କଲଭର୍ଟ କାମ ଆରମ୍ଭ କରିବେ। ଏହା କେବଳ ଯାତାୟାତ ସୁବିଧା ପାଇଁ ନୁହେଁ, ଗ୍ରାମାଞ୍ଚଳର ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଦୈନିକ ଜୀବନକୁ ସୁରକ୍ଷିତ କରିବା ପାଇଁ ମଧ୍ୟ ଅତ୍ୟନ୍ତ ଆବଶ୍ୟକ।ଯଦି ସମୟରେ ପଦକ୍ଷେପ ନ ନିଆଯାଏ, ତେବେ ଆସନ୍ତା ବର୍ଷା ଋତୁରେ ପୁଣି ସେଇ ପୁରୁଣା ସମସ୍ୟା ଦେଖାଯିବ ଓ ଗାଁ ଲୋକମାନେ ପୁଣିଥରେ ଜଳବନ୍ଧୀ ହୋଇ ରହିବେ।ଏହି ସମୟରେ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସ୍ଥାୟୀ ସମାଧାନ କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି।

# ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଅର୍ଜିନାଲ ସାର୍ଟିଫିକେଟ ପ୍ରଦାନ




**ଭବାନୀପାଟଣା, ୧୬ ।୩(ସମିସ):** ସେପ୍ଟେମ୍ବର ୨୦୨୦ ମସିହାରେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନାମରେ ନାମିତ ହୋଇଥିଲା। ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଥିବାବେଳେ ଏଠାରେ ଛଅଟି ସ୍ନାତକୋତ୍ତର ପାଠ୍ୟକ୍ରମ ଥିଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ହେବା ପରେ ମଧ୍ୟ ୨୦୨୨ ମସିହାରେ ମାତ୍ର ଛଅଟି ବିଭାଗର ପରୀକ୍ଷାର୍ଥୀ ପ୍ରଥମ ସ୍ନାତକୋତ୍ତର ପରୀକ୍ଷା ଦେଇଥିଲେ। ୨୦୨୩ ଓ ୨୦୨୪ ମସିହାରେ ୧୬ଟି ବିଷୟରେ ସ୍ନାତକୋତ୍ତର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପୂର୍ବତନ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥି ସମାବର୍ତ୍ତନ ଉତ୍ସବରେ ସାର୍ଟିଫିକେଟ ପ୍ରଦାନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ବର୍ତ୍ତମାନର କୁଳପତି ଡକ୍ଟର ନିବେଦିତା ନାଥ ୨୦୨୪ ମସିହାରେ ଦାୟିତ୍ୱ ଗ୍ରହଣ କଲାପରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ ପାଇଁ ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରକ୍ରିୟା ବିଷୟରେ ଦୃଢ ପଦକ୍ଷେପ ନେଇଥିଲେ। ପୂର୍ବତନ କୁଳସଚିବ ପିତାମ୍ବର ଭୋଇ, କୁଳସଚିବ ଡକ୍ଟର ଗୁଣନିଧି ନାଏକ, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ମଲ୍ଲିକ, ବର୍ତ୍ତମାନର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ନୀଳାଞ୍ଚଳ ପଟେଲଙ୍କ ମିଳିତ ଉଦ୍ୟମରେ ୧୬ ମାର୍ଚ୍ଚରେ ସାର୍ଟିଫିକେଟ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କୁଳପତି ଡକ୍ଟର ନିବେଦିତା ନାଥ, କୁଳସଚିବ ଡକ୍ଟର ଗୁଣନିଧି ନାଏକ, ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ମଲ୍ଲିକ, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ନୀଳାଞ୍ଚଳ ପଟେଲ, ଓ ଏସ୍ ଡି ଡକ୍ଟର କୈଳାସ ଚନ୍ଦ୍ର ଦାସ, ସିଣ୍ଡିକେଟ ସଦସ୍ୟ ଡକ୍ଟର ବାବା ମିଶ୍ର, ବିଶିଷ୍ଟ ସାମ୍ବାଦିକ ଉମାଶଙ୍କର କର ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀ ଅର୍ଜିନାଲ ୟୁନିଭରସିଟି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଥୁଆମୂଳରାମପୁରରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି

**ଥୁଆମୂଳରାମପୁର, ୧୬ ।୩(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣି ଶିବିରରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକମାନଙ୍କର ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୪ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୪୨ଟି ବ୍ୟକ୍ତିଗତ ଓ ୨୯ଟି ସାମୂହିକ ଅଭିଯୋଗ ଥିବା ବେଳେ ୨୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜନଶୁଣାଣି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମି ବିବାଦ, ରାଶନକାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟଉନ୍ନୟନ, ତହସିଲ ଓ ବ୍ଲକ ବିଭାଗ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଶୁଣାଣି କରାଯାଇଥିଲା। ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲଦାର ସହ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



# ଏସ୍ଆଇଆର୍ ପାଇଁ କେସିଙ୍ଗା ଏନ୍ଏସିରେ ସମନ୍ୱୟ ବୈଠକ

**କେସିଙ୍ଗା, ୧୬।୩(ସମିସ):** ଏପ୍ରିଲ ୧ ତାରିଖରୁ ସାରା ରାଜ୍ୟରେ ଏସଆଇଆର ଲାଗୁ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଥିବା ବେଳେ ଏଥିପାଇଁ ସର୍ଭେ ଆରମ୍ଭ ହୋଇ ନାହିଁ। ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ କଳାହାଣ୍ଡି ଜିଲ୍ଲାର କେସିଙ୍ଗାରେ ମଧ୍ୟ ଏସ ଆଇଆରର ମ୍ୟାପିଂ କିପରି କରାଯିବ ସେହି ବିଷୟରେ ଆଲୋଚନା କରିବା ପାଇଁ ସୋମବାର ଦିନ କେସିଙ୍ଗା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ଚାମ୍ବରରେ କେସିଙ୍ଗା ସହରର ପ୍ରମୁଖ ରାଜନୈତିକ ଦଳର ସଭାପତିଙ୍କ ସମେତ ସହରର ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉକି କେସିଙ୍ଗାରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୦୦୨ ଭୋଟର ତାଲିକା ସହ ୮୧ ପ୍ରତିଶତ( ୧୪୮୮୫) ଭୋଟରଙ୍କ ମ୍ୟାପିଂ ହୋଇ ସାରିଥିବା ବେଳେ ବାକି ରହିଥିବା ୧୯ ପ୍ରତିଶତ ଭୋଟର ବର୍ତ୍ତମାନ ପର୍ଯ୍ୟନ୍ତ ମେଳ କରି ନ ଥିବା ଜଣାପଡ଼ିଛି। ବାକି ରହିଥିବା ଭୋଟରମାନେ ଚଳିତ ମାର୍ଚ୍ଚ ମାସ ର ୩୧ ତାରିଖ ସୁଦ୍ଧା ନିଜ ନିଜର ୨୦୦୨ରେ ଥିବା ଭୋଟର ଲିଷ୍ଟରେ ମେଳ କରିଦେବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଭୋଟରମାନଙ୍କୁ ଅନୁରୋଧ କରିବା ସହିତ ନିଜ ବୁଥର ବିଏଲଓଙ୍କ ପାଖକୁ ଯାଇ ଉପଯୁକ୍ତ କାଗଜପତ୍ର ଦେଖାଇ ନିଜ ନାମ ଭୋଟର ତାଲିକାରେ ମେଳ କରିବାକୁ ଅନୁରୋଧ କରିଛନ୍ତି।



### ମାଁ ସୁବର୍ଣ୍ଣରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ହାତିବନ୍ଧା ଟିମ୍‌କୁ ହରାଇ ଗ୍ରୀଣ୍ଡୋଲ ଚାମ୍ପିଅନ

**ଗୋଲାମୁଣ୍ଡା, ୧୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଟିଙ୍ଗିପଦରରେ ମାଁ ସୁବର୍ଣ୍ଣରାଣୀ ନକଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି।ସୋମବାର ଫାଇନାଲ ମ୍ୟାଚ୍‌ରେ ନୂଆପଡ଼ା ଜିଲ୍ଲାର ହାତିବନ୍ଧା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଗ୍ରୀଣ୍ଡୋଲ ଦଳ ୧୨ ଓଭରରେ ୪ ୱିକେଟ ହରାଇ ୧୦୬ ରନ୍ କରି ବିଜୟୀ ହୋଇଥିଲେ। ଉଦ୍‌ଯାପନୀ ଖେଳରେ ମାନଝରୀ ପଞ୍ଚାୟତ ସରପଞ୍ଚ ଜଗୁଜୀବନ ଅଗ୍ରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ। ଆୟୋଜକ କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।



## ଭଡ଼ାଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭବାନୀପାଟଣା, ୧୬ ।୩ (ସମିସ):** ଭବାନୀପାଟଣା ସହରସ୍ଥିତ ଇରିଗେସନ କଲୋନୀ ୭ନଂ ଲେନର ଏକ ଭଡାଘରୁ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଛି। ମୃତ ଯୁବତୀଙ୍କ ନାମ ଖୁସବୁ ସାହୁ (୨୫) ଓ ସେ ଏମରାମପୁର ଥାନା ବେଲଗାଁର ବୋଲି ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଯୁବତୀ ଜଣକ ପିଜି ଶେଷ କରିବା ପରେ ଏହି ଭଡା ଘରେ ରହି ସ୍ଥାନୀୟ ଏକ ବ୍ୟାଙ୍କରେ କାମ କରୁଥିଲେ ବୋଲି ଜଣାପଡ଼ିଛି। ତେବେ ସେ କେଉଁଥିପାଇଁ ଆଇହତ୍ୟା କଲେ ନାଁ ଆଉ କିଛି ରହସ୍ୟ ଅଛି ତାହା ତଦନ୍ତ ଶେଷ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ, ପରିବାର ଲୋକେ ଯୁବତୀଙ୍କ ଆତ୍ମହତ୍ୟାକୁ ସହଜରେ ବିଶ୍ୱାସ କରି ପାରୁନଥିବା ବେଳେ ସେମାନେ ଏହା ହତ୍ୟା ବୋଲି ସନ୍ଦେହ କରିଛନ୍ତି।

# ୨୦୧୮ ବ୍ୟାଚ୍ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବନ୍ଧୁମିଳନ



**ଲାଞ୍ଜିଗଡ଼, ୧୬ ।୩(ସମିସ):** ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତସ୍ଥିତ ଯୋଡବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ନିକଟରେଥିବା ଆମ୍ବ ବଗିଚା ପରିସରରେ ଲାଞ୍ଜିଗଡ଼ ବ୍ଲକର ୨୦୧୮ ବ୍ୟାଚର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବନ୍ଧୁ ମିଳନ ଓ ଗୁରୁତ୍ୱପର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୁଣା ସଂଘର ସଭାପତି ଓ ସମ୍ପାଦକ ପଦ ଖାଲିପଡ଼ିଥିବାରୁ ନୂତନ ସଂଘ କରିବା ପାଇଁ ପ୍ରସ୍ତାବ ନେଇଥିଲେ। ପୂର୍ବ ସଂଘର ଭାରପ୍ରାପ୍ତ କୋଷାଧ୍ୟକ୍ଷ ଉତ୍ତମ ସେନାପତି ହିସାବ ପତ୍ର ଉପସ୍ଥାପନ କରିଥିଲେ। ଏହାପରେ ଗଣତାନ୍ତ୍ରିକ (ଭୋଟ)ପଦ୍ଧତି ଅନୁସାରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନୂତନ ସଂଘର କର୍ମ କର୍ତ୍ତା ଚୟନ କରିଥିଲେ। ସର୍ବସମ୍ମତିକ୍ରମେ ସଂଘର ନୂତନ ସଭାପତି ଭାବେ ଶୁଭ୍ରାଂଶୁ କୁମାର ଖଟୁଆଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ରତିକାନ୍ତ ସେଠି, ସମ୍ପାଦକ ଭାବେ କାର୍ତ୍ତିକ ସେଠୀ, କୋଷାଧ୍ୟକ୍ଷ ଭାବେ ଉତ୍ତମ କୁମାର ସେନାପତି, ସଂଘ ସଂଯୋଜକ ପୁରନ୍ଦର ପ୍ରଧାନ, ମନୋଜ କୁମାର ବାଗୁଡାଇ, ଉପଦେଷ୍ଟା ମଣ୍ଡଳୀରେ ରାମଚନ୍ଦ୍ର ସାହୁ, ଟଙ୍କଧର ବାଗ, ଦିଲ୍ଲୀପ କୁମାର ନାଗ, ସିପୁନ ନାୟକ, ବିରେନ୍ଦ୍ର କୁମାର ବେହେରା, ପ୍ରଜ୍ଞା ପ୍ରଭାସିନୀ, ମିଡିଆ ସଂଯୋଜକ କେ.ଯୁଧିଷ୍ଠିର ପାତ୍ର, ସୌମ୍ୟ ରଞ୍ଜନ ପ୍ରଧାନ, ରଘୁ ଅରକ୍ଷିତ ସେନାପତି ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସଂଘ ସମସ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଶିକ୍ଷକ ଜାତିର ଉନ୍ନତି ପାଇଁ ସ୍ୱର ଉତ୍ତୋଳନ କରିବ ଓ ସବୁ କାମକୁ ଠିକ୍ ସମୟରେ ସମ୍ପାଦନ କରିବା ପାଇଁ ପ୍ରୟାସ କରିବ ବୋଲି ନୂତନ ସଂଘ ପ୍ରକାଶ କରିଛନ୍ତି। ବୈଠକରେ ବ୍ୟାଚର ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ ଶିବିର

**କଲମପୁର, ୧୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ ଶିବିର ସୋମବାର ଶୁଭାରମ୍ଭ ହୋଇଥିବା ବେଳେ ୧୮ ତାରିଖ ପର୍ଯ୍ୟନ୍ତ ତାଲିମ ଶିବିର ଆୟୋଜିତ ହେବ ବୋଲି ସୂଚନା ମିଳିଛି। କଲମପୁର ଦୁର୍ଗାମାଧବ ଉଚ୍ଚ ବିଦ୍ୟାଳୟରେ ପରିସରରେ ଶିବିର ଆୟୋଜନ ହୋଇଥିଲା, ପ୍ରଥମ କରି କମ୍ପ୍ୟୁଟରୀକରଣ ତଥା ଡିଜିଟାଲ ମୋଡରେ କରାଯିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କଲମପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅଭିଜ୍ଞତା ଓ ଅଗ୍ରଣୀ ଶିକ୍ଷକମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ତାଲିମ ପ୍ରଦାନ କରାଯାଇଛି।୨୦୧୧ ଜନଗଣନା ପରେ ଜନଗଣନା କାର୍ଯ୍ୟକ୍ରମ ଡିଜିଟାଲ ମୋଡରେ ହେବ। ଏଣୁ ୩ ଦିନ ବ୍ୟାପୀ ନିୟୋଜିତ ହେବାକୁ ଥିବା ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କଲମପୁର ତହସିଲ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରସରକାରଙ୍କ ସାଂଖ୍ୟିକ ଅନୁସନ୍ଧାନକାରୀ ସୌରଭ ତିୱାରୀ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରି ଡିଜିଟାଲ ମୋଡରେ କିଭଳି ଜନ ଗଣନା କରିବେ ସମସ୍ତଙ୍କୁ ଅବଗତ କରିଛନ୍ତି।ଅତିରିକ୍ତ ତହସିଲଦାର ଦେବପ୍ରସନ୍ନ ସଡଙ୍ଗୀ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ତହସିଲଦାର ସ୍ମରଣିକା ତୁଲ ଜନଗଣନା କାର୍ଯ୍ୟକ୍ରମକୁ ନିର୍ଭୁଲ ଓ ସଠିକ ତଥ୍ୟ ସଂଗ୍ରହକରି ସମସ୍ତେ ନିଜ ଦାୟିତ୍ୱ ସମ୍ପନ୍ନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ଶିବିରକୁ ରାଜସ୍ୱ ପରିଦର୍ଶକ ତପୋବନ ବାରିକ, ରାଜସ୍ୱ ନିରୀକ୍ଷକ ସୁମନ୍ତ କୁମାର ପାତ୍ର, ଡି ଇ ଓ ତ୍ରିନାଥ ଭୋଳ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିବାରେ ସହଯୋଗ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା, ରାଜେନ୍ଦ୍ର ପ୍ରଧାନ ଯୋଗଦେଇ ତାଲିମ ପ୍ରଦାନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗୃହ ଗଣନା ହେବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କରାଯିବ। ଏଥି ସହିତ ମୋବାଇଲ ଆପ ମଧ୍ୟମରେ ମଧ୍ୟ ନିଜ ନିଜ ବାୟୋଡାଟା ଅପଲୋଡ଼ କରିବାର ପ୍ରାବଧାନ ରହିଥିବା ତାଲିମ କର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ହେବ। ଦ୍ୱିତୀୟ ପର୍ଯ୍ୟାୟ ମଇ ୧୫ ତାରିଖ ପରେ ଆୟୋଜିତ ହେବ।



### ଶିକ୍ଷାରୁ ବଞ୍ଚିତଙ୍କୁ ବାଟ ଦେଖାଇଲା ଉଲ୍ଲାସ

# ଲାଞ୍ଜିଗଡ଼ ବ୍ଲକ୍‌ର ୨୨୭୭ ପରୀକ୍ଷା ଦେଲେ

**ଲାଞ୍ଜିଗଡ଼, ୧୬ ।୩(ସମିସ)**

ଜାତୀୟ ଶିକ୍ଷାନୀତି ଅଧିନରେ ନବ ଭାରତ ସାକ୍ଷରତା ଅଭିଯାନ ଦ୍ୱାରା ପରିଚାଳିତ ଉଲ୍ଲାସ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ ଏକ ଅଭିନବ ସୁଯୋଗ ସୃଷ୍ଟି କରିଛି। ଗତ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅଧିନରେ ରବିବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ୧୩ଟି କ୍ଲଷ୍ଟରରେ ପରୀକ୍ଷାର୍ଥୀଙ୍କ ପରୀକ୍ଷା ସମ୍ପନ୍ନ ହୋଇଛି। ବ୍ଲକର ୨୨୭୭ ଜଣ ବୟସ୍କ ନାଗରିକ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ଦେଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ସାକ୍ଷରତା ଅଭିଯାନ ଅଧିନରେ ଅଶୀ ଦଶକରୁ ଚାଲିଆସିଥିବା ସାକ୍ଷରତା ଅଭିଯାନ ବର୍ତ୍ତମାନ ଜାତୀୟ ଶିକ୍ଷାନୀତି ଆଧାରରେ ନୂଆ ରୂପ ନେଉଛି। ଏହି ପରିପ୍ରେକ୍ଷୀରେ ଗତ ୨୦୨୫-୨୬ ଶିକ୍ଷାବର୍ଷରେ ଆରମ୍ଭ ହୋଇଛି ଉଲ୍ଲାସ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇ ନିରକ୍ଷର ଥିବା ୧୫ ବର୍ଷରୁ ଅଧିକ ପୁରୁଷ ଏବଂ ମହିଳାଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଜାରି ରହିଛି। ରବିବାର ବୟସ୍କ ନାଗରିକଙ୍କ ଶିକ୍ଷାଦାନ ପରେ ଏଫ୍ଏମ୍ଏନ୍ଏଟି ପରୀକ୍ଷା ଶେଷ ହୋଇଛି। ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ଏଥିରେ ଅକ୍ଷରଜ୍ଞାନ ସହ ଗାଣିତିକନମ୍ବର ସମ୍ପର୍କିତ ପ୍ରଶ୍ନ ଥିଲା। ତେବେ ବ୍ଲକର ୨୨୭୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରୁ ବ୍ଲକର ୧୩ଟି କ୍ଲଷ୍ଟରର ୧୧୦ଟି ବିଦ୍ୟାଳୟରେ ୮୫୭ ପୁରୁଷ ଓ ୧୪୭୦ ମହିଳା ପରିକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ସାକ୍ଷରତା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ପ୍ରାୟ ଅଧିକ ରହିଛି। ସେଥିରେ ପୁଣି ବୟସର ଅପରାହ୍ନରେ ପହଞ୍ଚିଥିବା ମହିଳାଙ୍କ ଆଗ୍ରହ ବିଶେଷ ଉତ୍ସାହପ୍ରଦ ଥିଲା।ପରୀକ୍ଷା କାର୍ଯ୍ୟକ୍ରମକୁ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ହେମସଗାର ମହାନନ୍ଦ, ଲାଞ୍ଜିଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧଳଦେବ ମୁଣ୍ଡ, ଭାରତଭୂଷଣ ସାହୁ, ଜିଲ୍ଲା ନୋଡାଲ ଅଧିକାରୀ ହରିଷ ମୁଣ୍ଡ ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ।ପରୀକ୍ଷାକୁ ୧୩ଟି କ୍ଲଷ୍ଟର ସଂଯୋଜକଙ୍କ ସମେତ ସମସ୍ତ ପରୀକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରାଇଥିଲେ।



